# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**6 September - 2024**

**News Editor : *Tapan Kumar Moharana***

**************************************

## ମୁଖ୍ୟ ସମ୍ବାଦ

- ବିକଶିତ ଭାରତ ଗଠନ କରିବାରେ ଯୁବପିଢ଼ିଙ୍କୁ ପ୍ରସ୍ତୁତ କରିବା ପାଇଁ ଶିକ୍ଷକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି କହିଲେ, ପ୍ରଧାନମନ୍ତ୍ରୀ
- ପ୍ରଧାନମନ୍ତ୍ରୀ ଗତିଶକ୍ତି କାର୍ଯ୍ୟକ୍ରମ ଅଧୀନରେ କଟକ-ପାରାଦ୍ୱୀପ ରାଜପଥ ପ୍ରକଳ୍ପ ଏବଂ ସମ୍ବଲପୁର ରିଂରୋଡ ପ୍ରକଳ୍ପର ସମୀକ୍ଷା
- ଗୃହ ଓ ନଗର ଉନ୍ନୟନ ବିଭାଗର ୯ ହଜାର ୬୧୨ କୋଟିରୁ ଅଧିକ ଟଙ୍କାର ଖର୍ଚ୍ଚଦାବି ବିଧାନସଭାରେ ପାରିତ

ଏବଂ

- ଲଘୁଚାପର ପ୍ରଭାବରେ ରାଜ୍ୟରେ ଆଜିଠାରୁ ବର୍ଷା ବୃଦ୍ଧି ପାଇବା ନେଇ ପାଣିପାଗ ବିଭାଗର ସୂଚନା

## ପ୍ରଧାନମନ୍ତ୍ରୀ-ଶିକ୍ଷକ ଆଲୋଚନା

ବିକଶିତ ଭାରତ ଗଠନ ପାଇଁ ଯୁବପିଢ଼ିଙ୍କୁ ପ୍ରସ୍ତୁତ କରିବାରେ ଶିକ୍ଷକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ତାଙ୍କ ବାସଭବନରେ ଆଜି ଜାତୀୟ ଶିକ୍ଷକ ପୁରସ୍କାର ପାଇଥିବା ଶିକ୍ଷକମାନଙ୍କ ସହ ଆଲୋଚନା କରିବା ଅବସରରେ କହିଛନ୍ତି, ଜାତୀୟ ଶିକ୍ଷାନୀତିକୁ ଗୁରୁତ୍ୱ ଦେବା ସହିତ ମାତୃଭାଷାରେ ଶିକ୍ଷାଦାନ ପାଇଁ ପ୍ରାଥମିକତା ଦେବା ଆବଶ୍ୟକ। ଶିକ୍ଷକମାନେ ଶିକ୍ଷାଦାନ କରିବା ସହିତ ସାମାଜିକ କାର୍ଯ୍ୟଗୁଡ଼ିକରେ କିପରି ସାମିଲ ହୋଇପାରିବେ ପ୍ରଧାନମନ୍ତ୍ରୀ ତାଙ୍କର ବାର୍ତ୍ତାଳାପ ସମୟରେ କହିଛନ୍ତି। ପୁରସ୍କାର ପାଇଥିବା ଶିକ୍ଷକମାନେ ସେମାନଙ୍କର ଶିକ୍ଷାଦାନ ଅଭିଜ୍ଞତା ଏବଂ ଶିକ୍ଷଣକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସେମାନଙ୍କ ବ୍ୟବହୃତ କୌଶଳ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।

ସୂଚନାଯୋଗ୍ୟ, ଚଳିତ ବର୍ଷ ୮୨ ଜଣ ଶିକ୍ଷକଙ୍କୁ ଜାତୀୟ ଶିକ୍ଷକ ପୁରସ୍କାର ଦିଆଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶିକ୍ଷକମାନଙ୍କୁ ଗୁରୁଦିବସ ଅବସରରେ ଗତକାଲି ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଓଡ଼ିଶାର ରାୟଗଡ଼ା ଜିଲ୍ଲାର ଶିକ୍ଷକ ଦ୍ୱିତି ଚନ୍ଦ୍ର ସାହୁ ଏବଂ କଳାହାଣ୍ଡି ଜିଲ୍ଲାର ସନ୍ତୋଷ କରଙ୍କୁ ରାଷ୍ଟ୍ରପତି ପୁରସ୍କୃତ କରିଛନ୍ତି।

## ପିଏମ୍-ଗତିଶକ୍ତି ସମ୍ବଲପୁର-କଟକ

ପ୍ରଧାନମନ୍ତ୍ରୀ ଗତିଶକ୍ତି କାର୍ଯ୍ୟକ୍ରମ ଅଧୀନ ନେଟଓ୍ୱର୍କ ପ୍ଲାନିଂ ଗ୍ରୁପ୍‌ର ୭୮ ନମ୍ବର ବୈଠକରେ ଆଜି ଓଡ଼ିଶାର ୨ଟି ସଡକ ପ୍ରକଳ୍ପ ସହିତ ଅନ୍ୟ ୧୮ଟି

ପ୍ରକଳ୍ପର ସମୀକ୍ଷା କରାଯାଇଛି।  ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗର ଅତିରିକ୍ତ ସଚିବ ରାଜୀବ ସିଂ ଠାକୁର ବୈଠକରେ ଅଧ୍ୟକ୍ଷତା କରି ସମ୍ବଲପୁର ରିଂରୋଡ ସ୍ଥିତିର ସମୀକ୍ଷା କରିଛନ୍ତି। ପ୍ରସ୍ତାବିତ ସମ୍ବଲପୁର ରିଂରୋଡର ଦୈର୍ଘ୍ୟ ୩୫ ଦଶମିକ ୩/୮ କିଲୋମିଟର। ୪ ଥାକିଆ ରିଂରୋଡ ତିଆରି କରାଗଲେ ଯାନବାହାନ ଭିଡ କମିବା ସହିତ ଶିଳ୍ପ କ୍ଷେତ୍ରରେ ଅଭିବୃଦ୍ଧି ଘଟିବ ବୋଲି ସରକାରୀ ଭାବେ କୁହାଯାଇଛି। ସେହିପରି କଟକ-ପାରାଦ୍ୱୀପ ୮୬ ଦଶମିକ ୭/୯ କିଲୋମିଟର ରାଜପଥ ପ୍ରକଳ୍ପର ସ୍ଥିତି ସମୀକ୍ଷା କରାଯାଇଥିଲା। ଏହି ସଡକ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପାରାଦ୍ୱୀପ ବନ୍ଦରକୁ ଯିବାଆସିବା ସହଜ ହେବା ସହିତ ଅର୍ଥନୈତିକ ଅଭିବୃଦ୍ଧି ଘଟିବ ବୋଲି କୁହାଯାଇଛି।

## ସ୍କିଲ୍ ଇନ୍ ଓଡ଼ିଶା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍କିଲ୍ ଇନ୍ ଓଡ଼ିଶାର ପ୍ରତିଯୋଗୀଙ୍କ ସହ ଭାବ ବିନିମୟ କରିଛନ୍ତି। ମୁଖ୍ୟମନ୍ତ୍ରୀ ଭର୍ଚୁଆଲ୍ ମାଧ୍ୟମରେ ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ଭାଗ ନେବାକୁ ଥିବା ରାଜ୍ୟର ୧୫ ଜଣ ଯୁବ ପ୍ରତିଯୋଗୀଙ୍କ ସହ କଥା ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। ଏହି ପ୍ରତିଯୋଗୀମାନେ ଫ୍ରାନ୍ସ୍ର ଲିଓନ୍ ସହରରେ ଅନୁଷ୍ଠିତ ହେବାକୁ ଥିବା ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ଭାଗ ନେବେ।

## ସ୍ୱୟଂଚାଳିତ ସାଙ୍କେତିକ ପ୍ରଣାଳୀ

ଯଖପୁରା-ନିର୍ଗୁଣ୍ଡି ଏବଂ ଖୋର୍ଦ୍ଧାରୋଡ-ଗୋଳନ୍ଥରା ରେଳ ସେକ୍ସନ ସହିତ ପୂର୍ବତଟ ରେଳ ଅଧୀନରେ ଥିବା ପ୍ରମୁଖ ରେଳ ସେକ୍ସନଗୁଡ଼ିକରେ ସ୍ୱୟଂଚାଳିତ ସାଙ୍କେତିକ ପ୍ରଣାଳୀ ବ୍ୟବସ୍ଥା ପାଇଁ  ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରକ୍ରିୟା ଦ୍ୱାରା ଟ୍ରେନ୍ଗୁଡ଼ିକର କାର୍ଯ୍ୟକ୍ଷମତା, ଟ୍ରେନ୍ ଚଳାଚଳକୁ

ନିରାପଦ କରିବା ଏବଂ ସୁରକ୍ଷା ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଛି । ସ୍ୱୟଂଚାଳିତ ସାଙ୍କେତିକ ପ୍ରଣାଳୀ ପାଇଁ ୧୬୦ କୋଟି ଟଙ୍କାର ଟେଣ୍ଡର ପ୍ରଦାନ କରାଯାଇଛି ବୋଲି ପୂର୍ବତଟ ରେଳବାଇ ପକ୍ଷରୁ କୁହାଯାଇଛି ।

## ଭୀମସାର

ଉତ୍ତରାଂଚଳ ରାଜସ୍ୱ କମିଶନର ସଚିନ୍ ରାମଚନ୍ଦ୍ର ଯାଦବ ଆଜି ବୁର୍ଲା ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ-ଭୀମସାର ଗସ୍ତ କରି ସୁପର ସ୍ପେଶିଆଲିଟି ବିଲଡିଂ କାଜୁଆଲିଟି ୱାର୍ଡ, ଟ୍ରମାକେୟାର ଏବଂ ବର୍ହିବିଭାଗ ବୁଲି ଦେଖିଛନ୍ତି । ଗସ୍ତ ସମୟରେ ଶ୍ରୀ ଯାଦବ ଭୀମସାରର ଉଚ୍ଚପଦସ୍ଥ ଅଧିକାରୀଙ୍କ ସହ ଏକ ବୈଠକ କରି ରୋଗୀସେବାକୁ ଗୁରୁତ୍ୱ ଦେବା ସହିତ ଡାକ୍ତରଙ୍କ ସୁରକ୍ଷା ନେଇ ଆଲୋଚନା କରିଥିଲେ । ଭୀମସାରରେ କିପରି ଉନ୍ନତମାନର ସ୍ୱାସ୍ଥ୍ୟସେବା ମିଳିପାରିବ ସେ ବିଷୟରେ ରାଜସ୍ୱ କମିଶନର ଶ୍ରୀ ଯାଦବ ତାଙ୍କର ଆଭିମୁଖ୍ୟ ରଖିଥିଲେ ।

## ବିଧାନସଭା

ବିଧାନସଭାରେ ଆଜି ଅପରାହ୍ନ ଅଧିବେଶନରେ ଗୃହ ଓ ନଗର ଉନ୍ନୟନ ବିଭାଗର ୯ ହଜାର ୬୧୨ କୋଟି ୯ ଲକ୍ଷ ୫ ହଜାର ଟଙ୍କାର ଖର୍ଚ୍ଚଦାବି ପାରିତ ହୋଇଛି । ବିଭାଗୀୟ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ଖର୍ଚ୍ଚଦାବିକ ଗୃହର ଅନୁମୋଦନ ପାଇଁ ଆଗତ କରିଥିଲେ । ଆଲୋଚନା ପରେ ବାଚନିକ ଭୋଟରେ ଖର୍ଚ୍ଚଦାବି ପାରିତ ହୋଇଛି । ସପ୍ତଦଶ ବିଧାନସଭାର ପ୍ରଥମ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ବୈଠକରେ ଆଜି ପ୍ରଶ୍ନୋତ୍ତର କାଳ ସ୍ୱାଭାବିକ ଥିଲା । ଶୂନ୍ୟକାଳରେ ରେଭେନ୍‌ସା ବିଶ୍ୱବିଦ୍ୟାଳୟ ପ୍ରସଙ୍ଗରେ

ବିରୋଧି ସଦସ୍ୟମାନେ ବାଚସ୍ପତିଙ୍କର ଦୃଷ୍ଟି ଆକର୍ଷଣ କରି ଗୃହରେ ହୋ-ହଲ୍ଲା କରିବାରୁ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ।

## ନୂଆଁଖାଇ

ଗଣପର୍ବ ନୂଆଁଖାଇ ପାଇଁ ପଶ୍ଚିମ ଓଡିଶା ଚଳଚଂଚଳ ହୋଇ ଉଠିଛି। ଆସନ୍ତା ରବିବାର ନୂଆଁଖାଇ ଜୁହାର-ଭେଟ ପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି।  ଇଷ୍ଟଦେବୀ ମା’ ସମଲେଇଙ୍କ ପୀଠରେ ମଧ୍ୟ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ନୂଆଁଖାଇ ପ୍ରସ୍ତୁତିକୁ ନେଇ ଆମର ସମ୍ବଲପୁର ସମ୍ବାଦଦାତା ଗୁଣମଣି ବିଶ୍ୱାଳଙ୍କ ରିପୋର୍ଟ....

## - V/O –

## ନୂଆଖାଇ ଛୁଟି

ନୂଆଁଖାଇ ଉପଲକ୍ଷେ ଆସନ୍ତା ୯ ତାରିଖ ସୋମବାର ଦିନ ହାଇକୋର୍ଟ ଛୁଟି ଘୋଷଣା କରାଯାଇଛି । ହାଇକୋର୍ଟ ଏହା ପରିବର୍ତ୍ତେ ଅକ୍ଟୋବର ୫ ତାରିଖ ଶନିବାର ଦିନ କାର୍ଯ୍ୟ କରିବ ।

ସେହିଭଳି ବଲାଙ୍ଗିର ଓ ନୂଆପଡ଼ା ଜିଲ୍ଲାରେ ଆସନ୍ତା ୧୦ ତାରିଖ ମଙ୍ଗଳବାରକୁ  ଆର୍‌ଡିସି ସ୍ତରରେ ଆଞ୍ଚଳିକ ଛୁଟି ଘୋଷଣା କରାଯାଇଛି । ପୂର୍ବରୁ ରାଜ୍ୟରେ ନୂଆଖାଇ ପାଇଁ ୯ ତାରିଖକୁ ଛୁଟି ଘୋଷଣା

କରାଯାଇଥିଲା । ଫଳରେ ଏହି ଦୁଇଟି ଜିଲ୍ଲାରେ ନୂଆଖାଇ ପାଇଁ ୯ ଓ ୧୦ ତାରିଖକୁ ଛୁଟି ଘୋଷଣା କରାଯାଇଛି ।

## ସମ୍ପୂର୍ଣ୍ଣତା ଅଭିଯାନ

ନୀତି ଆୟୋଗ ଦ୍ୱାରା ଦେଶର ସମସ୍ତ ଆକାଂକ୍ଷୀ ଜିଲ୍ଲାରେ ସମ୍ପୂର୍ଣ୍ଣତା ଅଭିଯାନ ଚାଲିଛି । ଏହି ଅଭିଯାନରେ ଜାତୀୟ ପୋଷଣ ସପ୍ତାହ ପାଳନ କରାଯାଉଛି । ଆକାଂକ୍ଷୀ ଜିଲ୍ଲା ନବରଙ୍ଗପୁରର ତେନ୍ତୁଳୀଖୁଣ୍ଟିଠାରେ ଆଜି ଜାତୀୟ ପୋଷଣ ସପ୍ତାହ ଓ ପୋଷଣ ମାସ ଅବସରରେ ଗର୍ଭବତୀ ମା' ମାନଙ୍କ ପାଇଁ 'ଗୋଦ୍‌ଭରାଇ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିସହ ପ୍ରସୂତି ମା'ଙ୍କ ସହ ଆସିଥିବା ଶିଶୁଙ୍କ ଅନ୍ନ ପ୍ରାସନ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଗର୍ଭବତୀ ଓ ପ୍ରସୂତିମାନଙ୍କ ସହ ଶିଶୁମାନେ କିପରି ପୁଷ୍ଟିକର ଖାଦ୍ୟ ପାଇପାରିବା ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା ।

## ସୁଭଦ୍ରା ଯୋଜନା-ସମୀକ୍ଷା

ସୁଭଦ୍ରା ଯୋଜନାର ହିତାଧିକାରୀଙ୍କୁ ସଚେତନ କରାଇବା ପାଇଁ ଆସନ୍ତାକାଲିଠାରୁ ୧୬ ତାରିଖ ପର୍ଯ୍ୟନ୍ତ ସମସ୍ତ ଜିଲ୍ଲାରେ ସଚେତନତା ରଥ ପରିଭ୍ରମଣ କରିବ ।  ଏ ନେଇ ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୂଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି । ବୈଠକରେ ସୁଭଦ୍ରା ଯୋଜନାର ଅଗ୍ରଗତି ନେଇ ନିୟମିତ ତଦାରଖ କରିବାକୁ ଶ୍ରୀ ଆହୁଜା ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଫର୍ମ ବିତରଣ ଓ ସଂଗ୍ରହ, ପଞ୍ଜୀକରଣ ଏବଂ ସମସ୍ତ ସୂଚନା ପୋର୍ଟାଲରେ ଉପଲବ୍ଧ କରାଇବା ନେଇ ଆଲୋଚନା ହୋଇଥିଲା ।

# ସୁଭଦ୍ରା ଯୋଜନା

ରାଜ୍ୟରେ ମହିଳାଙ୍କ ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ 'ସୁଭଦ୍ରା' ଯୋଜନା ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ **ଗଜପତି** ଜିଲ୍ଲାର ୭ ଗୋଟି ବ୍ଲକର ୧୪୯ ଗ୍ରାମପଞ୍ଚାୟତର ୧ ହଜାର ୫୩୪ ରାଜସ୍ୱ ଗ୍ରାମର ମହିଳାମାନେ ସୁଭଦ୍ରା ଯୋଜନାରେ ସାମିଲ ହେବା ପାଇଁ ଯୋଗ୍ୟ ହିତାଧିକାରୀ ଅଛନ୍ତି। ଜିଲ୍ଲାର ୨ ହଜାର ୪୪୩ଟି ଅଙ୍ଗନୱାଡ଼ି କେନ୍ଦ୍ର ଓ ସମସ୍ତ ବ୍ଲକ କାର୍ଯ୍ୟାଳୟ ସମେତ ପୌରପରିଷଦ କାର୍ଯ୍ୟଳୟ, ମୋ ସେବା କେନ୍ଦ୍ର, ଜନସେବା କେନ୍ଦ୍ର ମାନଙ୍କରେ ଆବେଦନ ଫର୍ମ ମାଗଣାରେ ଉପଲବ୍ଧ ହେଉଛି।

**ମାଲକାନଗିରି** ଜିଲ୍ଲାରେ ସୁଭଦ୍ରା ଯୋଜନା ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଯୋଜନାର ଲାଭାର୍ଥୀମାନଙ୍କର ସୁବିଧା ପାଇଁ ଆଧାର କାର୍ଡରେ ଫୋନ୍ ନମ୍ବର ସଂଯୋଗୀକରଣ ଜରୁରୀ ନୁହେଁ ବୋଲି ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ କହିଛନ୍ତି। ଆବେଦନ ନିମନ୍ତେ ସରକାରଙ୍କ ପକ୍ଷରୁ କୌଣସି ଶେଷ ତାରିଖ  ଧାର୍ଯ୍ୟ କରାଯାଇ ନାହିଁ ବୋଲି ଜିଲ୍ଲାପାଳ କହିଛନ୍ତି।

**ବୌଦ୍ଧ** ଜିଲ୍ଲାରେ ସୁଭଦ୍ରା ଯୋଜନାର ସଫଳ ରୂପାୟନକୁ  ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ଯୋଜନାରେ ଜଣେ ମଧ୍ୟ ଯୋଗ୍ୟ ହିତାଧିକାରୀ ବାଦ୍ ନ ପଡିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ

ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ଯୋଜନା ପାଇଁ ଆଜି ପର୍ଯ୍ୟନ୍ତ ୧ ଲକ୍ଷ ୧୦ ହଜାର ୧୩୦ଟି ଫର୍ମ ବିତରଣ କରାଯାଇଥିବା ଜଣାପଡିଛି ।

## ଆଇନ୍ ସଚେତନତା

**ମାଲକାନଗିରି** ଘଡ଼େଇ ଡ଼ିଗ୍ରୀ ମହାବିଦ୍ୟାଳୟରେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ଥାୟୀ ଲୋକଅଦାଲତ ତଥା ଆଇନସେବା ପ୍ରାଧିକରଣର ବିଚାରପତି ସୁଶ୍ରୀସଂଗୀତା ପାତ୍ର ଅଧ୍ୟକ୍ଷତା କରିଥିଲେ ।

**ବୌଦ୍ଧ** ଜିଲ୍ଲା ହରଭଙ୍ଗା ତାଲୁକ ଆଇନ୍ ସେବା କମିଟି ପକ୍ଷରୁ ଏକ ଆଇନ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ହରଭଙ୍ଗା ପ୍ରଥମ ବିଚାର ବିଭାଗୀୟ ବିଚାରପତି ପ୍ରୀତିଶ କୁମାର ସାମଲ ଯୋଗଦେଇ ସାମାଜିକ ଗଣମାଧ୍ୟମରେ ସାଇବର ଠକେଇରୁ ଆଇନ୍‌ଗତ ସୁରକ୍ଷା ମିଳିବା ଉପରେ ଆଲୋଚନା କରିଥିଲେ ।

# ପାଣିପାଗ

ଉତ୍ତର ଉପକୂଳ ଆନ୍ଧ୍ରପ୍ରଦେଶ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ଆଜିଠାରୁ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ,ଲଘୁଚାପ ଘନୀଭୂତ ହୋଇ ଆସନ୍ତା ୨ରୁ ୩ ଦିନ ମଧ୍ୟରେ ଅବପାତରେ ପରିଣତ

ହେବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୨୧ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।

ଅପରପକ୍ଷରେ, ରାଜ୍ୟରେ ନିଅଣ୍ଟିଆ ବର୍ଷା ସ୍ଥିତି ଜାରି ରହିଛି। ଗତ ଜୁନ୍ ପହିଲାରୁ ଆଜି ପର୍ଯ୍ୟନ୍ତ ସ୍ୱାଭାବିକ ବର୍ଷାଠାରୁ ୧୨ ପ୍ରତିଶତ କମ୍ ବର୍ଷା ରେକର୍ଡ ହୋଇଛି।

********************************